# ମରଣଯନ୍ତା ପାଲଟିଛି ୧୬ନମ୍ବର ଜାତୀୟ ରାଜପଥ

## ଅଣ୍ଡର ବ୍ରିଜ୍ ନିର୍ମାଣ ଓ ଟ୍ରାଫିକ୍ ସମସ୍ୟାକୁ ନେଇ ବୈଠକ

ଟାଙ୍ଗୀ,୧୫ ।୧୨(ସମିସ)

୧୬ନଂ ଜାତୀୟ ରାଜପଥର କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳ ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଉକ୍ତ ଅଞ୍ଚଳକୁ ବ୍ଲାକ ସ୍ପଟ୍ ଭାବେ ଚିହ୍ନିତ କରାଯିବା ସହ ଅଣ୍ଡର ବ୍ରିଜ୍ ନିର୍ମାଣ ସରକାରୀ ନାଲିଫିତା ତଳେ ଅଟକିଛି। ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ନିତିଦିନିଆ କଥାରେ ପରିଣତ ହୋଇଛି। ଜିଲ୍ଲାପାଳଙ୍କ ଜନଶୁଣାଣିରେ ଏ ସଂକ୍ରାନ୍ତ ଅଭିଯୋଗ ପରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଟାଙ୍ଗୀ ପୁଲିସକୁ ନେଇ ଏକ ମିଳିତ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀର ପ୍ରବେଶ ପଥ ଭାବେ ପରିଚିତ ପଶୁପତି ଗଡ଼ା ଓ ହନୁମାନ ଗଡ଼ା ସମେତ ଡ୍ରିମ୍ସ ଛକରେ ପ୍ରତ୍ୟେହ ଦେଖାଦେଉଥିବା ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ସଂପର୍କରେ ଦୀର୍ଘ ଆଲୋଚନା କରାଯାଇଥିଲେ ହେଁ ଅଣ୍ଡର ବ୍ରିଜ୍ ନିର୍ମାଣ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ଉତ୍ତର ମିଳିପାରି ନ ଥିଲା। ୩ଟି ସ୍ଥାନରେ ଟ୍ରାଫିକ ସମସ୍ୟା ଗୁରୁତର ଥିବାବେଳେ କେବଳ ହନୁମାନ ଗଡ଼ା ନିକଟରେ ଟ୍ରାଫିକ କଣ୍ଟ୍ରୋଲ ବ୍ୟବସ୍ଥା, ହନୁମାନ ଗଡାଠାରୁ ପଶୁପତି ଗଡା ପର୍ଯ୍ୟନ୍ତ ଲାଇଟ୍, ହମ୍ପସ ସହ ରାଜପଥ କଡ ଜବରଦଖଲ ସ୍ଥାନ ଉଚ୍ଛେଦ ଉପରେ କାର୍ଯ୍ୟକାରୀ ନିମନ୍ତେ ପ୍ରସ୍ତାବ ଗୃହୀତ ହେବା ସାଧାରଣରେ ଚର୍ଚ୍ଚାକୁ ଆସିଛି। ପ୍ରକାଶ ଥାଉକି ଗତ ଅକ୍ଟୋବର ୧୭ ତାରିଖ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ କୋଟସାହି ପଞ୍ଚାୟତ ଟାଙ୍ଗୀ ଯୁବନେତା ପ୍ରଭୁପ୍ରସାଦ ପାତ୍ର ଉପରୋକ୍ତ ଅଭିଯୋଗ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟାଙ୍ଗୀ ପୁଲିସ ଘଟଣାର ତଦନ୍ତ ପୂର୍ବକ ବାସ୍ତବତା ସଂପର୍କରେ ତଥ୍ୟ ପ୍ରଦାନ ପରେ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା।



# ପାରିବାରିକ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା

ସାଲେପୁର,୧୫।୧୨(ସମିସ): ପାରିବାରିକ ଅଶାନ୍ତି କାରଣରୁ ଜଣେ ଯୁବକ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ବେଙ୍ଗ ବେହେରାଙ୍କ ପୁଅ ସତ୍ୟବ୍ରତ ବେହେରା (୩୨) ନିଜ ଘର ପଛପଟେ ଥିବା ଏକ ବେଲ ଗଛରେ ଗତକାଲି ରାତିରେ ବେକରେ ଶାଢ଼ୀ ବାନ୍ଧି ଝୁଲୁଥିଲେ। ପରିବାର ଲୋକେ ତାକୁ ଗଛରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ। ପାରିବାରିକ ଅଶାନ୍ତି କାରଣରୁ ସେ ଆତ୍ମହତ୍ୟା କରିଥିବା ନେଇ ଶୁଣିବାକୁ ମିଳୁଛି। ସାଲେପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି।

# ବାର୍ ଓ ରେସ୍ତୋରାଁ ଯାଞ୍ଚ କଲା ପୁଲିସ

ଚୌଦ୍ୱାର,୧୫।୧୨(ସମିସ): ଗତ କିଛି ଦିନ ତଳେ ଭୁବନେଶ୍ୱରର ଏକ ବାରରେ ଘଟିଥିବା ଅଗ୍ନିକାଣ୍ଡ ଘଟଣା ପରେ କମିଶନରେଟ ପୁଲିସର ନିଦ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଏନେଇ ଚୌଦ୍ୱାର ପୁଲିସର ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ସୋମବାର ଚୌଦ୍ୱାର ପୁଲିସର ଏକ ଟିମ ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବାର, ହୋଟେଲ ଓ ରେଷ୍ଟୁରାଣ୍ଟ ଯାଞ୍ଚ କରିଥିବା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ତେବେ ଯାଞ୍ଚ ସମୟରେ କେତେକ ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ବ୍ୟବସ୍ଥା ପାଇଁ ପୁଲିସ ତରଫରୁ ଚେତାବନୀ ଦିଆଯାଇଛି।

# ଓଟିଏମ୍ କଲୋନୀ ସମସ୍ୟା ସମ୍ପର୍କିତ ରିପୋର୍ଟ ପ୍ରଦାନ

ଚୌଦ୍ୱାର,୧୫।୧୨(ସମିସ): ଦୀର୍ଘବର୍ଷ ଧରି ବନ୍ଦ ପଡିଥିବା ଓଟିଏମ କାରଖାନାର କଲୋନୀରେ ରହୁଥିବା ଶ୍ରମିକମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି ବୋଲି ଓଟିଏମ୍ ଶ୍ରମିକ କଲୋନୀ ଓ ବସ୍ତି ବାସିନ୍ଦା ଥଇଥାନ ସଂଗଠନ ତରଫରୁ ଦୀର୍ଘଦିନ ହେଲା ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଗୁରୁତ୍ୱ ଦେଇ କଟକ ଟେକ୍ସଟାଇଲ ବିଭାଗ ପକ୍ଷରୁ ଏକ ଉଚ୍ଚପଦାଧିକାରୀ ଟିମ କଲୋନୀ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହିତ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କୁ ଗତ ୬ ତାରିଖରେ ଚିଠି ସଂଖ୍ୟା ୧୨୬୮୭ ରେ ପ୍ରଦାନ କରାଯାଇଥିବା ଜଣାପଡିଛି। ପ୍ରକାଶଯୋଗ୍ୟ ଯେ, କଲୋନୀରେ ପରିମଳ ବ୍ୟବସ୍ଥା, ପକ୍କା ରାସ୍ତା ନିର୍ମାଣ ଓ କଲୋନୀରେ ଥିବା ବିଭିନ୍ନ ଡ୍ରେନ ମରାମତି ଦାବିରେ କଲୋନୀବାସୀ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଆସୁଥିଲେ। କଲୋନୀର ଜଣେ ପୂର୍ବତନ କର୍ମଚାରୀ ତଥା ସାମାଜିକ କର୍ମୀ ରବିନାରାୟଣ ରାଉତ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲରେ ମଧ୍ୟ ନିବେଦନ କରିଥିଲେ। ଅଭିଯୋଗ ପରେ କଟକ ଟେକ୍ସଟାଇଲ ବିଭାଗର ଅଧିକାରୀ କଲୋନୀ ଅଞ୍ଚଳ ଗସ୍ତକରି କଲୋନୀ ପରିବେଶ ପରିଦର୍ଶନ କରିବା ସହିତ କଲୋନୀବାସୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

# ଶ୍ରୀବତ୍ସ ଜେନାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା



ମାହାଙ୍ଗା,୧୫।୧୨(ସମିସ): ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ଜେନାଙ୍କ ଦ୍ୱାଦଶାହ ତିଥିରେ ଜନ୍ମମାଟି କୁସୁପୁର ଠାରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ଶ୍ରୀବତ୍ସଙ୍କ ଅମୂଲ୍ୟ ଜୀବନର ପ୍ରତିଟି ମୁହୂର୍ତ୍ତ ସେବା, ତ୍ୟାଗ, ସହିଷ୍ଣୁତା ଏବଂ ଭଗବତ ଚିନ୍ତନରେ ବିତୁଥିଲା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ପ୍ରତି ଶ୍ରାଦ୍ଧ ନିବେଦନ ସମୟରେ ଏଭଳି ମନ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ସଭାରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, ପ୍ରାଧ୍ୟାପକ ଡ.ଯୁଧିଷ୍ଠିର ଖଟୁଆ, ସାହିତ୍ୟିକ ଡ. ଭାବଗ୍ରାହୀ ରାଉତ, ଇଞ୍ଜିନିୟର ଅମରେନ୍ଦ୍ର ମହାନ୍ତି, ସାମ୍ବାଦିକ ଅଖିଳେଶ ମହାନ୍ତି, ସାହିତ୍ୟିକ ଡ. ଏକାଦଶୀ ପ୍ରଧାନ, ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ, ସାହିତ୍ୟିକ ଶୁଭେନ୍ଦୁ ଭୂୟାଁ, ସମାଜସେବୀ ରୁଦ୍ର ନାରାୟଣ ସିଂ, ସାମ୍ବାଦିକ ଅମରେନ୍ଦ୍ର ସିଂ, ସାମ୍ବାଦିକ ପ୍ରଦୀପ୍ତ ପୃଷ୍ଟି, ସାମ୍ବାଦିକ ବିଳାସ ଚନ୍ଦ୍ର ବାରିକ, ଶେଷଦେବ ରାଉତ, ରଞ୍ଜିତ ସାହୁ, ନରୋତ୍ତମ ବଳ, ସୁକୁମାର ସାମଲ, ବିଜୟ ମହାନ୍ତି, ବିଜୟ କୁଅଁର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ କୃତୀ ଓ କୀର୍ତ୍ତିର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଶ୍ରୀବତ୍ସ ଜେନା ସ୍ମୃତି ସଂସଦ ପକ୍ଷରୁ ପ୍ରକାଶିତ "ଅଭୁଲନୀୟ ଶ୍ରୀବତ୍ସ' ଶୀର୍ଷକ ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ସଫା ପଞ୍ଚାୟତରେ କର୍ମୀ ସମ୍ମିଳନୀ



ଟାଙ୍ଗୀ,୧୫ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମସ୍ଥ ତୋରଣିଆ ମଠରେ ସଫା ପଞ୍ଚାୟତର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ମନୋଜ କୁମାର ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥି ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଭୂୟାଁ, ବୈକୁଣ୍ଠ ସ୍ୱାଇଁ ଓ ମାନସ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେବା ସହ ସାଧାରଣ ଜନତାଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ହାତୀ ଉପଦ୍ରବ, ଜମି ପଟ୍ଟା, ଭତ୍ତା ଆଦି ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସାମଲ, ଚର୍ତୁଭୂଜ ସ୍ୱାଇଁ, ଚିତ୍ରସେନ ଧଳ, ଚନ୍ଦ୍ରମଣି ବେହେରା, ଅୟସ ମହାନ୍ତି, ଆଶିଷ ଦାସ, ଦେବକୀ ଦାସ, ନରହରି ପାଣ୍ଡବ, ବୈକୁଣ୍ଠ ବେହେରା ଓ ଜିତୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି



ସାଲେପୁର,୧୫।୧୨(ସମିସ): ସାଲେପୁର ବ୍ଲକ ଗୋପୀନାଥପୁର ଠାରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଗୋପୀନାଥପୁର ଶ୍ରୀ ଆରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଇନ୍ସଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ (କିମ୍ସ) ଆନୁକୂଲ୍ୟରେ ୨୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ମେଗା ସ୍ୱାସ୍ଥ୍ୟ ସେବା ଶିବିରରେ ୨୦ରୁ ଊର୍ଦ୍ଧ୍ୱ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗ ପରୀକ୍ଷା କରାଯିବ ସହ ମାଗଣା ଔଷଧ ବିତରଣ କରାଯିବ ବୋଲି ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କିମ୍ସ ହସ୍ପିଟାଲର ଉପ ଅଧିକ୍ଷକ ହରିଶ ଚୌଧୁରୀ ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ମାଗଣା ଇସିଜି, ବିପି, ସୁଗାର, ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥପୁର ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମ୍ପାଦକ ବୀରବର ସାହୁ, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ମହାନ୍ତି, ସତ୍ୟଭାମାପୁର ପଞ୍ଚାୟତ ସରପଞ୍ଚ ସୁଧାଂଶୁ ବାଲା ଜେନା, କିମ୍ସ ମାର୍କେଟିଙ୍ଗ ଡେପୁଟି ଡାଇରେକ୍ଟର ଦେବାଶିଷ ମହାନ୍ତି ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି, ବରିଷ୍ଠ ନାଗରିକ, ଲୋକପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ସୁବ୍ରତ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ବିଶ୍ୱେଶ୍ୱର ପାଲା ମଣ୍ଡଳ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୧୫।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ର ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ପାଲା ମଣ୍ଡଳ ପକ୍ଷରୁ ପଞ୍ଚମ ବାର୍ଷିକ ପାଲା ସମ୍ମିଳନୀ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଅନାଦି ଚରଣ ଦାସଙ୍କ ପୌରହିତ୍ୟରେ ନଖରା ପଞ୍ଚାୟତର ଅଙ୍ଗଦରାଡ଼ିହସ୍ଥିତ କନକେଶ୍ୱର ମନ୍ଦିରରେ ଆୟୋଜିତ ଏହି ବୈଠକରେ ସୁନାମଧନ୍ୟ ପାଲାକାର ବିଚିତ୍ରାନନ୍ଦ ପଣ୍ଡାଙ୍କ ସମେତ ବହୁ ପାଲାକାର ଓ ପାଲା କଳାକାର ଯୋଗଦେଇ ସମ୍ମିଳନୀ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ଡିସେମ୍ବର ୨୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଉତ୍ସବକୁ ଓଡ଼ିଶାର ପ୍ରାଚୀନତମ ବିଦଗ୍ଧ କଳା ପାଲା ପାଇଁ ଉତ୍ସର୍ଗିକୃତ ବ୍ୟକ୍ତିତ୍ୱ, ପାଲାକାର ତଥା ସାହିତ୍ୟିକଙ୍କୁ ଆମନ୍ତ୍ରଣ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହି ସାହିତ୍ୟ, ସଂସ୍କୃତି ଓ ପୌରାଣିକ ମହାକୁମ୍ଭରେ ପାଲାପ୍ରେମୀ ଓ ସାହିତ୍ୟପ୍ରେମୀଙ୍କ ସହିତ ଆଗ୍ରହୀ ଜନସାଧାରଣ ଯୋଗଦେବାପାଇଁ ମଣ୍ଡଳ ତରଫରୁ ନିବେଦନ କରାଯାଇଛି ।



# ଝଡ଼ାପତ୍ର ମହୋତ୍ସବର ପ୍ରସ୍ତୁତି



ଟାଙ୍ଗୀ,୧୫ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଛପଦା ପଞ୍ଚାୟତ କଡ଼େଇ ଗ୍ରାମରେ ଏକତା ଫାଉଣ୍ଡେସନ ତରଫରୁ ହେବାକୁ ଥିବା ଝଡାପତ୍ର ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଆବାହକ କ୍ଷେତ୍ରବାସୀ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୂଖ୍ୟଅତିଥି ସମାଜସେବୀ ମନୋହର ମହନ୍ତ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ସ୍ୱାଇଁ, ସମ୍ମାନିତଅତିଥି ଭାବେ ଆର ରାମବାବୁ, ଶିକ୍ଷାବିତ ଶ୍ରୀନିବାସ ସ୍ୱାଇଁ, ବିଜୟ ବରାଳ, ସମାଜସେବୀ ତାରେଣୀ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ବୟସ ଛୁଇଁଲା ସତୁରୀ ତଥାପି ଯାଇନି ହାରି ଉପରେ ଆଲୋକପାତ କରିବା ସହ ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ଝଡାପତ୍ର ମହୋତ୍ସବ ସଫଳ ନିମନ୍ତେ ଆଲୋକପାତ କରିଥିଲେ। ଏହି ଅବସରରେ ଜଣେ ଅସହାୟ ବାଳିକାଙ୍କୁ ଆଜୀବନ ମାସିକ ତିନିଶହ ଟଙ୍କା ଦିଆଯାଇଥିଲା। ଆଗାମୀ ଦିନରେ ଅସହାୟ ପରିବାରକୁ ଶୀତବସ୍ତ୍ର ପ୍ରଦାନ କରାଯିବ ବୋଲି ଆବାହକ ଶ୍ରୀ ବରାଳ ସୂଚନା ଦେଇଛନ୍ତି।

## ନୃସିଂହନାଥ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବିରୋଳକୁ ହରାଇ ଶଙ୍ଖମୁହଁ ଚାମ୍ପିଅନ



ଟାଙ୍ଗୀ,୧୫ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗା ଗ୍ରାମସ୍ଥ ନୃସିଂହନାଥ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଆସୋସିଏସନର ସଭାପତି ବିକାଶ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ତାପସ ସାହୁ, ସମିତିସଭ୍ୟ ଭକ୍ତ ବତ୍ସଳ ମହାରଣା, ରଣଜିତ ସାହୁ, ରବିନାରାୟଣ ସାହୁ ଓ ରବିନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଏନ୍‌ଜିଟି ଭୟରେ ବାଲିଘାଟ ରାସ୍ତା ତାଡ଼ିଦେଲା ପ୍ରଶାସନ



କଣ୍ଟାପଡ଼ା,୧୫।୧୨(ସମିସ): କଣ୍ଟାପଡା ତହସିଲ୍ ଦେଇ ପ୍ରବାହିତ ଦେବୀ ଓ ଏହାର ଶାଖା ନଦୀ କନ୍ଦଳ ନଦୀରେ ଏକାଧିକ ବାଲିଘାଟ ଦିନରାତି ଚାଲିଥିଲା। ମଣିଷଙ୍କ ବଦଳରେ ଜେସିବି ଓ ପ୍ରୋକଲିନ୍ ମେସିନ୍ ଲଗାଇ ନଦୀ ଶଯ୍ୟାକୁ ଅହନିଶି ଚିରୁଥିଲେ ବାଲି ମାଫିଆ। ଟ୍ରାକ୍ଟର ବଦଳରେ ବଡବଡ ହାଇୱାରେ ଦିନ ରାତି ଜିଲ୍ଲା ବାହାରକୁ ରାତି ଦିନ କୋଟି କୋଟି ଟଙ୍କାର ବାଲି ଚାଲାଣ କରି ବାଲିମାଫିଆ ଦିନକୁ କୋଟି କୋଟି ଟଙ୍କା ଆୟ କରୁଥିବା ବେଳେ ସରକାର ବିପୁଳ ରାଜସ୍ୱ ହରାଉଥିଲେ। ଏନେଇ ବିଭିନ୍ନ ସମୟରେ ଜନ ଅସନ୍ତୋଷ ଓ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଅତିତରେ ଜୀବନହାନୀ ଘଟିବା ନଜିର ମଧ୍ୟ ରହିଛି। ଅନ୍ୟ ପକ୍ଷରେ ଏ ନେଇ ଅଦାଲତରେ ମାମଲା ମଧ୍ୟ ରୁଜୁ ହୋଇଛି। ତେବେ ଏସବୁ ଘଟଣାକୁ ନେଇ ଦୈନିକ 'ସକାଳ' ଖବରକାଗଜରେ ଏକାଧିକବାର ଖବର ପ୍ରକାଶ ପାଇବା ପରେ ଚଳିତ ମାସ ୧୮ ତାରିଖରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ଙ୍କ ଅଞ୍ଚଳ ଗସ୍ତକୁ ନେଇ ସ୍ଥାନୀୟ ପ୍ରଶାସନ ନିଜକୁ ସୁରକ୍ଷିତ ରଖିବା ପାଇଁ ବଳଦା ବାଲି ଘାଟ ରାସ୍ତାକୁ ଜେସିବି ଲଗାଇ ଆଜି ଅପରାହ୍ନରେ ତାଡି ଦେଇଥିବା ଦେଖିବାକୁ ମିଳିଛି ଏବଂ ଅନ୍ୟ ବାଲି ଘାଟ ଖୁବ୍ ଶୀଘ୍ର ତଡାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ, ଲିଗାଲ ବାଲିଘାଟରୁ ଅତ୍ୟଧିକ ବାଲି ଉତ୍ତୋଳନ ଘଟଣାରେ ଏନ୍‌ଜିଟି କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ଅଞ୍ଚଳବାସୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

## ବ୍ଲକ ପ୍ରଶାସନର ପକ୍ଷପାତିତା ଓ ମନମୁଖୀ କାର୍ଯ୍ୟକୁ ବିରୋଧ

# ବିଜେଡିର ପ୍ରତିବାଦ ଓ ଧାରଣା





ନିଶ୍ଚିନ୍ତକୋଇଲି,୧୫।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗ ଏବେ କୋମା ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଏହି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଧିମେଇ ଯାଇଥିବା ଦେଖାଯାଇଛି। ଏହି ବ୍ଲକର ୧୪ଟି ପଞ୍ଚାୟତ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ବେଳେ ଏହି ପଞ୍ଚାୟତଗୁଡିକରେ ଏକ ପ୍ରକାର ସଠିକ୍ ଭାବେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ୨୭ଟି ପଞ୍ଚାୟତରେ କେଉଁ ଅଦୃଶ୍ୟ ଶକ୍ତି ବଳରେ ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଜନପ୍ରତିନିଧିମାନଙ୍କୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବା ପାଇଁ ସହଯୋଗ କରୁ ନ ଥିବା ନେଇ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ସଭ୍ୟାମାନେ ପ୍ରଶ୍ନ ଉଠାଇଛନ୍ତି। ବିଡିଓ ଉଦ୍ଦେଶ୍ୟମୂଳକ ଭାବେ ଜନପ୍ରତିନିଧିଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଇବା ପାଇଁ ଅଣଦେଖା କରୁଥିବାରୁ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏହାର ଦୃଢ ପ୍ରତିବାଦ କରାଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜନପ୍ରତିନିଧିମାନେ ଏକ ୮ ଦଫା ସମ୍ବଳିତ ଦାବି ପୂରଣ କରିବା ପାଇଁ ବାରମ୍ବାର ବିଡିଓଙ୍କ ଦୃଷ୍ଟି ଗୋଚର କରାଇଥିଲେ ମଧ୍ୟ ତାଙ୍କର ମନମୁଖୀ, ପକ୍ଷପାତିତ ଓ କାଳକ୍ଷେପଣ ନୀତିକୁ ବିରୋଧ କରାଯାଇ ବ୍ଲକ ପ୍ରଶାସନ ଉପରେ ଜନପ୍ରତିନିଧିମାନେ ତୀବ୍ର ବର୍ଷିଛନ୍ତି। ବିଗତ ସରକାରଙ୍କର ଆମ ଓଡିଶା ନବୀନ ଓଡିଶା ଯୋଜନାରେ କାର୍ଯ୍ୟ ନ ହୋଇ ପଡି ରହିଥିବା ଏହି ୨୭ଟି ପଞ୍ଚାୟତର ୮ କୋଟି ୩୪ ଲକ୍ଷ ଟଙ୍କାକୁ ଫେରାଇ ଦେବା, ପୂର୍ବରୁ ହୋଇଥିବା ବିଭିନ୍ନ ଆନୋ ପ୍ରକଳ୍ପ କାର୍ଯ୍ୟ ଗୁଡିକର ବିଲ୍ ନ କରିବା, ବିକଶିତ ଗାଁ ବିକଶିତ ଓଡିଶାରେ ଅନୁମୋଦନ ହୋଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଆରମ୍ଭ ନହେବା, ଏନ୍‌ଆରଇଜିଏସ୍ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ ନ କରିବା ଏବଂ ହୋଇଥିବା କାର୍ଯ୍ୟର ବକେୟା ଅର୍ଥ ପ୍ରଦାନ ନ କରିବା, ଅନ୍ତଦ୍ୟୋୟ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦିଆଯିବା, ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହୋଇଥିବା ବ୍ୟାପକ ଅନୀୟମିତତା ଓ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବା, ବିଭିନ୍ନ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ଅଣଦେଖା କରାଯିବା ସହ ଦଲାଲମାନଙ୍କୁ ଅଗ୍ରାଧିକାର ଦିଆଯାଉଥିବା ନେଇ ବହୁ ବରିଷ୍ଠ ବିଜେଡି ନେତା ଏବଂ ଜନପ୍ରତିନିଧିମାନେ ବିଡିଓଙ୍କୁ ପ୍ରଶ୍ନ କରିଛନ୍ତି। ୭ ଦିନ ମଧ୍ୟରେ ଏ ସବୁ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନ ମିଳିଲେ କିମ୍ବା ଏହି ୮ ଦଫା ଦାବି ଗୁଡିକୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ବିଜେଡି ପକ୍ଷରୁ ଜିଲ୍ଲାପାଳ ଏବଂ ଜିଲ୍ଲାପରିଷଦ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚରମ ଚେତାବନୀ ଦେଇଛନ୍ତି। ଏହି ୮ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯିବା ପରେ ଧାରଣା ସ୍ଥଗିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଶହ ଶହ ବିଜେଡି କର୍ମୀ ଥାନା ଛକ ନିକଟସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ବିଜେପି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରା ଦେଇ ଶୋଭାଯାତ୍ରାରେ ଯାଇ ଧାରଣାସ୍ଥଳରେ ପହଞ୍ଚିଥିଲେ। ସଭାପତି ଶ୍ରୀ ସ୍ୱାଇଁଙ୍କ ପୌରହିତ୍ୟରେ କାର୍ଯ୍ୟକାରୀ ସଭାପତି ଜୟଦେବ ରାଉତ, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ଭୂପତି ଭୂଷଣ ଷଣ୍ଢ, ଜିଲ୍ଲା ପରିଷଦ ସଭ୍ୟା ଜସ୍ମିତା ସେଠୀ, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସରପଞ୍ଚ ରାକେଶ ସାମଲ, ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ରାଜେଶ ବେହେରା, ବିନୋଦ ସାମଲ, ପ୍ରମୋଦ ସ୍ୱାଇଁ, ରଞ୍ଜନ ଜେନା, କୈଳାସ ଚନ୍ଦ୍ର ସାମନ୍ତରାୟ, ସୁଦାମ ଚରଣ ବଳ, ନିତ୍ୟାନନ୍ଦ ସେଠୀଙ୍କ ସମେତ ବହୁ ଜନପ୍ରତିନିଧି ଓ ବିଜେଡି କର୍ମୀମାନେ ଯୋଗଦେଇ ବ୍ଲକ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମଣ୍ଡି ଖୋଲିବା ପୂର୍ବରୁ ବେପାରୀଙ୍କୁ ଧାନ ବିକିଲେଣି ଚାଷୀ

କଟକ,୧୫।୧୨(ସମିସ):



ଚଳିତବର୍ଷ ଖରିଫ ଋତୁରେ ଧାନ କିଣା ଆସନ୍ତା ୨୬ତାରିଖରୁ ଆରମ୍ଭ ହେବାକୁ ସ୍ଥିର କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇପାରିନାହିଁ । ପ୍ରଥମେ ଆଠଗଡ ଉପଖଣ୍ଡରୁ ଧାନ କିଣା ଆରମ୍ଭ ହେବ । ପରେ ସଦର ଜିଲ୍ଲାରେ ମଣ୍ଡି ଗୁଡିକ ଖୋଲିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି । ଏଥର ଜିଲ୍ଲାରେ ଏଥର ୧ଲକ୍ଷ୨୩ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା । ଏବେ ଫସଲ ଅମଳ ଆରମ୍ଭ ହୋଇଯାଇଥିଲେ ମଧ୍ୟ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଗାଁଗହଳିରେ ବେପାରୀ ବୁଲିଲେଣି । ସରକାର ଏଫଏକ୍ୟୁ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ଚାଷୀଙ୍କୁ ବୋନସ ବାବଦରେ କ୍ୱିଣ୍ଟାଲ ପ୍ରତି ୩୧୦୦ଟଙ୍କା ଧାର୍ଯ୍ୟ କରିଥିବା ବେଳେ ବେପାରୀ ମାନେ ଏବେ କ୍ୱିଣ୍ଟାଲ ପ୍ରତି ମାତ୍ର ୧୫୦୦ରୁ ୧୬୦୦ଟଙ୍କାରେ କିଣୁଥିବା ଜଣାପଡିଛି । ଜିଲ୍ଲାରେ ମୋଟ ୧୮ ଲକ୍ଷକ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଥିବା ବେଳେ ଏଥର ଧାନ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ ବୋଲି ଜଣାପଡିଛି । ଜିଲ୍ଲାରେ ଏଥର ୨୦୭ ମଣ୍ଡିରେ ଧାନ କିଣାଯିବ । ଏଥର ୩ଟି ଏସଏଚଜି ଧାନ କିଣାରେ ଅଂଶଗ୍ରହଣ କରିବେ । ମିଳିଥିବା ସୂଚନାନୁସାରେ ଜିଲ୍ଲାରେ ଏଥର ୭୦ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲା ବେଳେ ସବୁ ଚାଷୀ ଧାନ ବିକ୍ରି କରିବା ନେଇ ସନ୍ଦେହ ଉପୁଜିଛି । ବହୁ ଚାଷୀ ଏଥର ବେପାରୀ ମାନଙ୍କ ହାତରେ ଧାନ ଟେକିଦେଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେବ ବୋଲି କୁହାଯାଉଛି । ବିଶେଷକରି ସରକାରୀ ଦର ଠାରୁ ଅଳ୍ପ କିଛି କମ ଦରରେ ମିଲର ମାନେ ପରୋକ୍ଷରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରିନେଇଥିବାରୁ ପଞ୍ଜୀକୃତ ଚାଷୀ ମାନଙ୍କ ପାଖରେ ଏବେ ମଣ୍ଡିରେ ବିକ୍ରି ପାଇଁ ଧାନ ନଥିବା ଜଣାପଡିଛି । ଜିଲ୍ଲାରେ ୧୨ଜଣ ମିଲର ଧାନ କିଣାରେ ନିୟୋଜିତ ହେବେ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

■ ବଚନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

## କ୍ୱାଟର ଫାଇନାଲରେ ସିଡିଏ ବିଜୟୀ



ନିଶ୍ଚିନ୍ତକୋଇଲି,୧୫।୧୨(ସମିସ): ମାହାଙ୍ଗା ଆଥଲେଟିକ ଆସୋସିଏସନର ଆୟୋଜନରେ କଟକ ଜିଲ୍ଲା କ୍ରୀଡା ସଂସଦ ସହାୟତାରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଖେଳ ପଡିଆରେ ବଚନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ ଆରମ୍ଭ ହୋଇଛି । ଏହାର କ୍ୱାଟର ଫାଇନାଲ ମ୍ୟାଚ୍‌କୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉଦ୍‌ଘାଟନ କରିଛନ୍ତି । ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ରଙ୍କ ସଂଯୋଜନାରେ ଏହି ଉଦ୍‌ଘାଟନୀ ଉତ୍ସବରେ ଆଥ୍‌ଲେଟିକ ଆସୋସିଏସନର ସଭାପତି ସୁଟୁ ଘୋଷ୍, କଟକ ଜିଲ୍ଲା କ୍ରୀଡା ସଂସଦର ସଂଯୋଜକ ସହଦେବ ରାଉତ, କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ । ଏହାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅର୍ବାନ ଆଡଭେଞ୍ଚର ଏଫ୍‌ସି ସିଡିଏ ଏବଂ ରାଜଧାନୀ ଏଫ୍‌ସି ୪୨ ମୌଜା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ୪୨ମୌଜା କଟକ ସିଡିଏ ଟିମ୍‌କୁ ଗୋଟିଏ ଗୋଲ ଦେଇଥିବା ବେଳେ ଏହାର ଦ୍ୱିତୀୟାର୍ଦ୍ଧରେ କଟକ ସିଡିଏ ୪୨ ମୌଜାକୁ ଦୁଇଟି ଗୋଲ୍ ଦେଇ ୨-୧ ଗୋଲ୍‌ରେ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ ସିଡିଏ ପକ୍ଷରୁ ଫଗୁରାମ୍ ବାସକେ ବେଷ୍ଟ ପ୍ଲେୟାର ଭାବେ ବିବେଚିତ ହୋଇଥିବାରୁ ବିଧାୟକ ଶ୍ରୀ ପ୍ରଧାନ ତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି । ଖେଳରେ ଅମ୍ପାୟାର ଭାବେ ଏମ୍‌ଡି ସକଲିନ୍, ସୁନୀଲ ହେମ୍ବ୍ରମ୍, ଫଗୁରାମ ମୁର୍ମୁ, ପ୍ରଦୀପ୍ତ ମହାନ୍ତି, ଦୈତାରୀ ଖାରୁଆ ଖେଳ ପରିଚାଳନା କରିଥିଲେ । ଜୋନ୍ ସଭାପତି କୈଳାସ ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ପିତାମ୍ବର ମହାନ୍ତି, ହେମନ୍ତ ରାଉତ, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଶିଶୁ ଭବନରେ ଅତ୍ୟାଧୁନିକ 'ଅଟୋ ଆନାଲାଇଜର୍' କାର୍ଯ୍ୟକ୍ଷମ

କଟକ,୧୫।୧୨(ସମିସ): କଟକସ୍ଥିତ ପୂର୍ବ ଭାରତର ଅନ୍ୟତମ ପ୍ରତିଷ୍ଠିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ) ଏବେ ଆଧୁନିକ ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ପ୍ରତିଷ୍ଠାନର ନବୀକରଣ ପ୍ରକ୍ରିୟା ପରେ ଏବେ ପ୍ରଥମ ଥର ପାଇଁ ଏଠାରେ ଏକ ଅତ୍ୟାଧୁନିକ "ଅଟୋ ଆନାଲାଇଜର୍' ମେସିନ ସ୍ଥାପନ କରାଯାଇଛି । ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ପରୀକ୍ଷାମୂଳକ କାର୍ଯ୍ୟ ଜାରି ରହିଥିବା ବେଳେ ଖୁବ୍‌ଶୀଘ୍ର ଏହାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯିବ । ଏହି ମେସିନ ସ୍ଥାପନ ହେବା ଫଳରେ ରକ୍ତ ନମୁନା ପରୀକ୍ଷା ନିମନ୍ତେ ଶିଶୁ ରୋଗୀଙ୍କୁ ଆଉ ଏସ୍‌ସିବି ମେଡିକାଲ ପଠାଯିବାର ଆବଶ୍ୟକତା ପଡ଼ିବ ନାହିଁ । ବରଂ ଶିଶୁଭବନ ପରିସରରେ ହିଁ ସମସ୍ତ ପରୀକ୍ଷା ସମ୍ଭବ ହୋଇପାରିବ ।

ରକ୍ତ ପରୀକ୍ଷା ପାଇଁ ଆଉ ଯିବାକୁ ପଡ଼ିବନି ଏସସିବି

ଶିଶୁଭବନର ରୂପାନ୍ତରଣ ପରେ ଏଠାରେ ଶଯ୍ୟା ସଂଖ୍ୟା ୨୦୦ରୁ ୮୦୦କୁ ବୃଦ୍ଧି ପାଇଛି ଏବଂ ପ୍ରତିଦିନ ବହୁ ସଂଖ୍ୟକ ଶିଶୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ପୂର୍ବରୁ ପରୀକ୍ଷା ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ଚିକିତ୍ସା ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିଲା ଏବଂ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ସମସ୍ୟାର ସମାଧାନ ପାଇଁ ଏକ ଘରୋଇ ସଂସ୍ଥା ପକ୍ଷରୁ ପ୍ରାୟ ୬୦ ଲକ୍ଷ ଟଙ୍କା ମୂଲ୍ୟର ଏହି ମେସିନ ପ୍ରଦାନ କରାଯାଇଛି । ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡ. ପ୍ରଭାକର ମିଶ୍ରଙ୍କ ସୂଚନା ଅନୁଯାୟୀ, ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦିଆଯାଉଥିବା ବେଳେ ଖୁବ୍‌ଶୀଘ୍ର ସିଟି ସ୍କାନ୍ ସେବା ମଧ୍ୟ ଆରମ୍ଭ କରାଯିବ । ଏହି ନୂତନ ବ୍ୟବସ୍ଥା ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରୁ ଆସୁଥିବା ରୋଗୀଙ୍କ ପାଇଁ ବେଶ୍ ସହାୟକ ହେବ ।

■ ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ବାର୍ ଆସୋସିଏସନ୍ ଚାମ୍ପିଅନ



କଟକ,୧୫।୧୨(ସମିସ): କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ଗତକାଲି ମହାବୀର ସ୍ପୋର୍ଟିଂ କ୍ଲବ, ନରଣପୁର (ବାରଙ୍ଗ) ସ୍ଥିତ ଖେଳ ପଡ଼ିଆରେ ପଞ୍ଚମ ବାର୍ଷିକ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ବାର୍ ଆସୋସିଏସନ୍ ବିଜୟ ଲାଭ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱର ବାର୍ ଆସୋସିଏସନ୍, କଟକ ବାର୍ ଆସୋସିଏସନ୍‌କୁ ପରାସ୍ତ କରି ଫାଇନାଲ୍‌କୁ ପ୍ରବେଶ କରିଥିଲା ଏବଂ ଫାଇନାଲ୍ ମ୍ୟାଚ୍ ଢେଙ୍କାନାଳ ବାର୍ ଆସୋସିଏସନ୍ ସହ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ବାର୍ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ପଞ୍ଚମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫ର ଚାମ୍ପିଅନ୍ ହୋଇଥିଲା । ବିଜୟୀ ଦଳର ମିଳନ ସ୍ୱାଇଁଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଏଥିସହ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, କଟକ ମେୟର ସୁବାଷ ସିଂ, ସମାଜସେବୀ ପ୍ରଭାତ ନନ୍ଦ ଓ କର୍ପୋରେଟର ଗଗନ ଓଝା, ଇତିଶ୍ରୀ ଦାସ, ସଞ୍ଜୀବ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ଦିବସରେ ବରିଷ୍ଠ ଆଇନଜୀବୀ ସ୍ୱର୍ଗତଃ ରଞ୍ଜିତ କେଶରୀ ରାୟ ଓ ସ୍ୱର୍ଗତଃ ସୁଶୀଲ ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହେବା ସହ ସେମାନଙ୍କର ଧର୍ମପତ୍ନୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ସଙ୍ଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି ପ୍ରମୁଖ ସମେତ ବହୁ ଆଇନଜୀବୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ରେଡକ୍ରସ କାଉନସିଲର ତାଲିମ୍ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,୧୫।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେଣ୍ଟୋଳ ପଞ୍ଚାୟତ କୁଳ ସୁକରପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ କଟକ ଜିଲ୍ଲା ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ରେଡକ୍ରସ ଜୁନିୟର କାଉନସିଲରଙ୍କର ଏକଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି, ସାଲେପୁର ଓ ମାହାଙ୍ଗା ବ୍ଲକ ଅଧିନସ୍ଥ ମୋଟ ୫୦ ଜଣ କାଉନସିଲର ଯୋଗଦେଇ ରେଡକ୍ରସ ପରିଚାଳନା ସଂକ୍ରାନ୍ତ ବିଭିନ୍ନ ତାଲିମ୍ ଗ୍ରହଣ କରିଛନ୍ତି । ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ବେହେରାଙ୍କ ପୌରହିତ୍ୟରେ ଏହି ବୈଠକରେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧନଞ୍ଜୟ ବରାଳ, ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ପାର୍ଥସାରଥି ମଲିକ, ଯୁଗ୍ମ ସଂପାଦକ ପରେଶ ଚନ୍ଦ୍ର ମଲ୍ଲ, ହିରଣ୍ମୟୀ ସାମଲ ପ୍ରମୁଖ ଯୋଗଦେଇ ତାଲିମ୍ ପ୍ରଦାନ କରିଛନ୍ତି । ପ୍ରାରମ୍ଭରେ କାଉନସିଲର ଆରତୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କାଉନସିଲର ସୂର୍ଯ୍ୟକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




## ଅଗ୍ନି ନିରାପତ୍ତା ଓ ସୁରକ୍ଷା ସଂକ୍ରାନ୍ତ ପ୍ରଶିକ୍ଷଣ

ନିଶ୍ଚିନ୍ତକୋଇଲି,୧୫।୧୨(ସମିସ): ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଗ୍ନି ନିରାପତ୍ତା ଓ ସୁରକ୍ଷା ସଂକ୍ରାନ୍ତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି । ଏହି ବ୍ଲକର ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଇ ରୋଷେଇ କରାଯାଉଥିବାରୁ ହଠାତ୍ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ସୁରକ୍ଷା ପାଇବା ପାଇଁ ତାଲିମ୍‌ର ଆବଶ୍ୟକତା ଅନୁଭବ କରି ସିଡିପିଓ ସତ୍ୟଭାମା ବିଶୋଇ ଅଗ୍ନିଶମ ସେବା କାର୍ଯ୍ୟାଳୟକୁ ଏକ ପତ୍ର ଦ୍ୱାରା ଅବଗତ କରାଇଥିଲେ । ସୋମବାର ଦିନ ଅଗ୍ନିଶମ ସେବା ସଂସ୍ଥା ଭାରପ୍ରାପ୍ତ ଅଧିକାରୀ ବାଇଧର ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ତପନ ଅଧିକାରୀ, ମନୋଜ ସାମଲ, ଚନ୍ଦନ ପଟ୍ଟନାୟକ, ସୁରେଶ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଗ୍ୟାସ୍ ଓ ପେଟ୍ରୋଲ ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ କି କି ପଦକ୍ଷେପ ନିଆଯିବ ସେ ସଂକ୍ରାନ୍ତରେ ପ୍ରତ୍ୟକ୍ଷ ଭାବେ ତାଲିମ୍ ପ୍ରଦାନ କରିଛନ୍ତି । ଏହାଛଡା ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଅଗ୍ନି ନିର୍ବାପକ ସିଲିଣ୍ଡର ରଖିବା ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି ।

## ଶ୍ରୀ ହରି ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ

କଟକ,୧୫।୧୨(ସମିସ): କଟକର ଅଗ୍ରଣୀ ସାମାଜିକ ସଂଗଠନ ଶ୍ରୀ ହରି ଫାଉଣ୍ଡେସନ ତରଫରୁ ଶନିବାର ଦିନ ଏକ ମାନବିକ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କଟକ ଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାର ତିନୋଟି ଭିନ୍ନ ଅଞ୍ଚଳରେ ଏହି ସହାୟତା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । ଫାଉଣ୍ଡେସନ ତରଫରୁ ପ୍ରାୟ ୩୦୦ରୁ ଅଧିକ ଗରିବ ବ୍ୟକ୍ତିବିଶେଷଙ୍କୁ କମ୍ବଳ, ନୂଆ ଓ ପୁରୁଣା ପୋଷାକ, ଶୀତ ବସ୍ତ୍ର ଏବଂ ବିସ୍କୁଟ ବଣ୍ଟନ କରାଯାଇଥିଲା । ଏହି ସେବା କାର୍ଯ୍ୟକ୍ରମରେ ଶ୍ରୀ ହରି ଫାଉଣ୍ଡେସନର ସମସ୍ତ ସଦସ୍ୟ ଓ ସେବକମାନେ ନିଷ୍ଠା ଓ ଉତ୍ସାହର ସହ ଯୋଗଦାନ କରିଥିଲେ । ଅନ୍ୟପକ୍ଷରେ, ସ୍ଥାନୀୟ ଅଞ୍ଚଳର ଜଣେ ସ୍କୁଲ ଶିକ୍ଷକଙ୍କ ମୂଲ୍ୟବାନ ସହଯୋଗ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବହୁତ ସାହାଯ୍ୟ କରିଥିଲା । ଫାଉଣ୍ଡେସନ ତରଫରୁ ଏହି ମହତ କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ ଶୁଭେଚ୍ଛୁ, ସହଯୋଗୀ ଓ ସହାନୁଭୂତିଶୀଳ ବ୍ୟକ୍ତିବିଶେଷଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇବା ସହିତ ଆଗାମୀ ଦିନରେ ମଧ୍ୟ ଏଭଳି ସହଯୋଗ ଜାରି ରଖିବାକୁ ଆଶା ପ୍ରକାଶ କରାଯାଇଛି ।



## ପୌର୍ଣ୍ଣମାସୀ ପାଠାଗାର ପକ୍ଷରୁ ଜାତୀୟ ଆଲୋଚନା ଚକ୍ର

କଟକ,୧୫।୧୨(ସମିସ): ମହାନଦୀ ବିହାର ନିକଟ ଅନନ୍ତ ବିହାରରେ ଅବସ୍ଥିତ ପୌର୍ଣ୍ଣମାସୀ ଭବନ ପରିସରରେ ପୌର୍ଣ୍ଣମାସୀ ପାଠାଗାର ଆନୁକୂଲ୍ୟରେ "ଶ୍ରୀ ଅଭିରାମଙ୍କ ରଚନାରେ ଉପନିଷଦୀୟ ତତ୍ତ୍ୱ' ଶୀର୍ଷକ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ, ସନ୍ନ୍ୟାସୀ ତଥା ବୁଦ୍ଧିଜୀବୀମାନେ ଯୋଗଦେଇ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରଚନାର ଗଭୀର ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ । କରମଳା ଆଶ୍ରମର ବୟୋଜ୍ୟେଷ୍ଠ ସନ୍ନ୍ୟାସୀ ବାବାଜୀ ପ୍ରେମାନନ୍ଦ ଦାସ ଏହି ଜାତୀୟ ଆଲୋଚନା ଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ବିଶିଷ୍ଟ ସମାଜସେବୀ ହଂସନାଥ ସାହୁ ସଭାପତିତ୍ୱ କରି ଶ୍ରୀ ଅଭିରାମଙ୍କ ରଚନାକୁ ସମାଜ ପାଇଁ ଏକ ଆଲୋକବର୍ତ୍ତିକା ସଦୃଶ ଓ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । ପାଠାଗାର ତରଫରୁ ଏହି ଅବସରରେ "ସମର୍ପଣ" ନାମକ ଏକ ପୁସ୍ତକ ମଧ୍ୟ ଲୋକାର୍ପଣ କରାଯାଇଥିଲା । ପାଠାଗାର ସଭାପତି ପ୍ରତାପ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଭିତ୍ତି ପ୍ରବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ ବୈଷ୍ଣବ ସମ୍ପ୍ରଦାୟ ଏବଂ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଶ୍ରୀ ଠାକୁରଙ୍କ ରଚନାର ବୈଶିଷ୍ଟ୍ୟ ବର୍ଣ୍ଣନା କରିଥିଲେ । ପ୍ରଫେସର ବ୍ରଜ କିଶୋର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଏବଂ ହଂସନାଥ ସାହୁଙ୍କ ସଭାପତିତ୍ୱରେ ପ୍ରଫେସର ଲକ୍ଷ୍ମୀକାନ୍ତ ପାଢ଼ୀ, ଡଃ. ନିରଞ୍ଜନ ମହାନ୍ତି, ଡଃ. ଅଜୟ କୁମାର ନାୟକ, ଡଃ. ଅର୍ଜୁନ ଚରଣ ମଲ୍ଲିକ, ଡଃ. ସୁରେନ୍ଦ୍ର ଷଡ଼ଙ୍ଗୀ, ଡଃ. ଭୂପେଶ ସାହୁ, ଡଃ. ବିକାଶ ଆଚାର୍ଯ୍ୟ, ଡଃ. କବିତା ମହାପାତ୍ର, ବରିଷ୍ଠ ସାମ୍ବାଦିକା ସୁଲତା ଦେ ଏବଂ ଡକ୍ଟର ରମାକାନ୍ତ ରାଉତଙ୍କ ସମେତ ବହୁ ବିଶିଷ୍ଟ ଗବେଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ଅନନ୍ତ ନିର୍ଝର ପତ୍ରିକାର ମୁଖ୍ୟ ସମ୍ପାଦକ ଅବସରପ୍ରାପ୍ତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନ ଅଧିବେଶନରେ ପ୍ରଫେସର ସୁନାମଣୀ ରାଉତ ସଭାପତି, ଡଃ. ବୈଜୟନ୍ତୀ ମିଶ୍ର ମୁଖ୍ୟଅତିଥି ଏବଂ ପ୍ରଫେସର ରବିନ୍ଦ୍ର ନାଥ ମିଶ୍ର ଉଦ୍‌ଯାପନୀ ବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ କରମଳା ଆଶ୍ରମର ବାବାଜୀ ହରେକୃଷ୍ଣ ଦାସ, ବାବାଜୀ ବନବିହାରୀ ଦାସ, ବାବାଜୀ ବିଭୂପ୍ରସାଦ, ବାବାଜୀ କେଶବାନନ୍ଦ, ବାବାଜୀ ଜ୍ୟୋତି ପ୍ରକାଶ, ବାବାଜୀ ବିଷ୍ଣୁ ପ୍ରସାଦ ପ୍ରମୁଖ ସନ୍ନ୍ୟାସୀ ଯୋଗଦେଇଥିଲେ । ଡଃ. ବିଭୂତି ଭୂଷଣ ମହାପାତ୍ର, ଅନନ୍ତ ମହାରଣା ଓ ସ୍ୱର୍ଣ୍ଣପ୍ରଭା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ ।




## ବାପୁଜୀ ଶିକ୍ଷା ନିକେତନର କ୍ରୀଡ଼ା ଉତ୍ସବ

କଟକ,୧୫।୧୨(ସମିସ): କଟକ ବିଜୁ ପଟ୍ଟନାୟକ ଛକ ସ୍ଥିତ ଖ୍ରୀଷ୍ଟିଆନ୍ ପଡ଼ିଆରେ ଆଜି ବାପୁଜୀ ଶିକ୍ଷା ନିକେତନର ବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମ୍ପାଦକ ବିଭୁଦତ୍ତ ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଶୁଭାରମ୍ଭ କରିଥିଲେ ଏବଂ ଲାୟନ୍ସର ସଭାପତି ଜଗନ୍ନାଥ ଜେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାରାଣୀ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷୟିତ୍ରୀ ପ୍ରଣତି ବଳ ନିଜର ଖେଳ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ପରିଚାଳନା କମିଟି ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ତୁଲାଇବାରେ ସହଯୋଗ କରିଥିଲେ । ଏହି କ୍ରୀଡ଼ା ଉତ୍ସବରେ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ସଞ୍ଜୀବ ବାରିକ ଏବଂ ଶ୍ରେଷ୍ଠ ଛାତ୍ରୀ ଭାବେ ଧରିତ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ ।

## ବନ୍ଦ କମ୍ପାନୀ ପରିସରରୁ ଗାଡ଼ି ଛାଡ଼ିଲେନି ଶ୍ରମିକ

ଚୌଦ୍ୱାର,୧୫।୧୨(ସମିସ): କଟକ ଜିଲ୍ଲା ଚୌଦ୍ୱାର ସ୍ଥିତ ବନ୍ଦ ଥିବା ଲିବ୍ରା କାର୍ପେଟ ନାମକ ଝୋଟ କାରଖାନା ପରିସରରେ ଆଜି ଉତ୍ତେଜନା ଦେଖାଦେଇଛି ।

- ହଟହଟା ହୋଇ ଫେରିଲା ପୁଲିସ
- ବକେୟା ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ କୌଣସି ଯନ୍ତ୍ରାଂଶ ନ ଛାଡ଼ିବାକୁ ଶ୍ରମିକଙ୍କ ଜିଦ୍

କାରଖାନାର ବକେୟା ପ୍ରାପ୍ୟ ଦାବି କରି ଶ୍ରମିକମାନେ ଅଟକ ରଖିଥିବା ୩ଟି ଗାଡ଼ିକୁ (୨ଟି ଟ୍ରକ୍ ଓ ଏକ ହାଇଡ୍ରା) ଥାନାକୁ ନେବାକୁ ଆସିଥିବା ଚୌଦ୍ୱାର ପୁଲିସକୁ ଶ୍ରମିକଙ୍କ ପ୍ରବଳ ବିରୋଧ ଯୋଗୁ ହଟହଟା ହୋଇ ଫେରିଯିବାକୁ ପଡ଼ିଛି । ସୂଚନା ଅନୁଯାୟୀ, ଚାମ୍ପାଦାନୀ ଗ୍ରୁପ୍ ଅଫ୍ କମ୍ପାନୀ ଦ୍ୱାରା ପରିଚାଳିତ ଏହି ଲିବ୍ରା କାର୍ପେଟ୍ କାରଖାନାଟି ୨୦୧୫ ମସିହାରୁ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି । କାରଖାନା ବନ୍ଦ ହେବା ପରେ ଏଥିରେ କାର୍ଯ୍ୟ କରୁଥିବା ବହୁ ଶ୍ରମିକଙ୍କ ବକେୟା ପ୍ରାପ୍ୟ ଯଥା ଦରମା, ଗ୍ରାଚ୍ୟୁଇଟି ଏବଂ ବୋନସ୍ ଆଦି ଏଯାବତ୍ ମିଳିନାହିଁ । ଏହାର ପ୍ରତିବାଦରେ କର୍ମଚାରୀମାନେ କମ୍ପାନୀ ଫାଟକ ସମ୍ମୁଖରେ ଆହୋରାତ୍ର ଧାରଣାରେ ବସିଛନ୍ତି । ଏଭଳି ସ୍ଥିତିରେ ଗତ ମାସ ୨୫ ତାରିଖରେ କମ୍ପାନୀ ପରିସରରେ ଥିବା ପୁରୁଣା ମେସିନ୍‌ଗୁଡ଼ିକୁ ୨ଟି ଟ୍ରକ୍ ଓ ଏକ ହାଇଡ୍ରା ସାହାଯ୍ୟରେ ବାହାରକୁ ଚାଲାଣ କରାଯାଉଥିବା ଖବର ପାଇ ଶ୍ରମିକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ କମ୍ପାନୀ ପରିସରରେ ଅଟକ ରଖିଥିଲେ । ବକେୟା ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ କମ୍ପାନୀ ପରିସରରୁ କୌଣସି ଯନ୍ତ୍ରାଂଶ ତଥା ଅଟକ ଥିବା ଗାଡ଼ିଗୁଡ଼ିକୁ ପଦାକୁ ଛଡ଼ାଯିବ ନାହିଁ ବୋଲି ଶ୍ରମିକମାନେ ଦୃଢ଼ ଜିଦ୍ ଧରିବାରୁ ପୁଲିସ ଶ୍ରମିକମାନଙ୍କ ବିରୋଧ ଯୋଗୁ ନିରାଶ ହୋଇ ଫେରିଆସିଥିଲା । ଶ୍ରମିକ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଲାଗିରହିଥିବା ଏହି ବିବାଦ ଉପରେ ଏଯାବତ୍ କୌଣସି ସମାଧାନ ହୋଇପାରି ନାହିଁ ।

'ମୋ କଟକ ସୁରକ୍ଷା ମଞ୍ଚ'ର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ

# ସୁରେନ୍ଦ୍ରନାଥ ପଣ୍ଡାଙ୍କୁ 'ସର୍ବଶ୍ରେଷ୍ଠ ବାରବାଟୀ ସମ୍ମାନ'

କଟକ,୧୫।୧୨(ସମିସ):




କଟକର ସାମାଜିକ ସଂଗଠନ 'ମୋ କଟକ ସୁରକ୍ଷା ମଞ୍ଚ'ର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ଯୋବ୍ରା ସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । କଟକ ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସୌଭିକ୍ ବିଶ୍ୱାଳ, ପ୍ରାକ୍ତନ ବିଧାୟକ ଇଂ ମହମ୍ମଦ ମୋକିମ୍ ଏବଂ ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସମେତ ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଏବଂ ବିଜେଡି କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦଘାଟନ କରାଯିବା ପରେ ବନ୍ଦେ ଉତ୍କଳ ଜନନୀ ଗାନ ଏବଂ କୁନି ନୃତ୍ୟଶିଳ୍ପୀ ସାନଭିକା ମହାରଣାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କଟକର ସୁଯୋଗ୍ୟ ସନ୍ତାନ, ବରିଷ୍ଠ ସମାଜସେବୀ ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିବା । ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ତାଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ ଏବଂ ମୁକୁଟ ପରିଧାନ କରାଇ 'ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ'ରେ ସମ୍ମାନିତ କରିଥିଲା । ଏହି ଅବସରରେ କୃତି ଛାତ୍ରଛାତ୍ରୀ, ସାମାଜିକ ସଂଗଠନର କର୍ମୀ, ସୂଚନା ଅଧିକାର କର୍ମୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବୁଦ୍ଧିଜୀବୀଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଉପସ୍ଥିତ ସମସ୍ତ ଅତିଥି 'ମୋ କଟକ ସୁରକ୍ଷା ମଞ୍ଚ'ର ଜନହିତକର କାର୍ଯ୍ୟ, ବିଶେଷ କରି ସୂଚନା ଅଧିକାର ଆଇନ ମାଧ୍ୟମରେ ସରକାରୀ କ୍ଷେତ୍ରରେ ଅନିୟମିତତା ଓ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ତଥା କଟକ ସହରବାସୀଙ୍କ ମୌଳିକ ଅଧିକାର ପାଇଁ କାର୍ଯ୍ୟ କରିବାକୁ ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ମଞ୍ଚର ସଭାପତି ଅକ୍ଷୟ ପଣ୍ଡା ଧନ୍ୟବାଦ ଦେଇଥିଲେ ।

